## ଧାନ ଖରିରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଶଗଡ଼ା,୩୦।୩(ସମିସ):** କନ୍ଧମାଳ ବ୍ଲକ୍ ଦପଲା ପଞ୍ଚାୟତ ବଉଳସିଙ୍ଗା ଗ୍ରାମର କିଶୋରୀ ସେଠୀଙ୍କ ଧାନ ଖରି ସହ ପାଳଗଦାରେ କେହି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଦୁର୍ବୃତ୍ତ ତାଙ୍କ ବିଲରେ ଥିବା ଧାନ ଖରୀରେ ନିଆଁ ଲଗାଇ ଦେଇଥିଲେ। ପ୍ରଚଣ୍ଡ ଖରା ଯୋଗୁଁ ନିଆଁ କ୍ରମଶଃ ବଢିଥିଲା। ପାଳଗଦା ଓ ଧାନ ଖରି ସଂପୂର୍ଣ୍ଣ ପୋଡି ଯିବା ପରେ ପାଖରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫରମର ପାଖକୁ ନିଆଁ ବ୍ୟାପି ଯାଇଥିଲା।

## ୬ ଘଣ୍ଟା ନାକେଦମ କଲା ଅହିରାଜ



**ହରଭଙ୍ଗା,୩୦।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଧୂଙ୍ଗିଆ ମୁଣ୍ଡାଗିଣ୍ଡୁରୀ ସାହି ଗ୍ରାମର ରତ୍ନାକର ବେହେରାଙ୍କ ଘରୁ ୧୫ ଫୁଟର ଏକ ଅହିରାଜ ସାପ ଉଦ୍ଧାର ହୋଇଛି। ପୁରୁଣାକଟକ ରେଞ୍ଜ ଅଧିକାରୀ ଜୟନ୍ତ ଦାସ, ଫରେଷ୍ଟର ଦିଗାମ୍ବର ପ୍ରଧାନ, ସ୍ନେକ ହେଲ୍ପ ଲାଇନ ପ୍ରାଣେଶ୍ୱର ସାହୁ, ମିଥୁନ ଭୋକ୍ତା, ଧନଞ୍ଜୟ ପାତ୍ର, ସଞ୍ଜୟ ଗୁରୁ, ଅର୍ଜୁନ ପାତ୍ର, ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ କୁସଙ୍ଗ ରେଞ୍ଜ ଅଧିକାରୀ ସଂସାର ବର୍ଗିଆ, ସୀତଳପାଣି ଫରେଷ୍ଟର ସଞ୍ଜୟ ରାଉତ, ସୁନାଖଣିଆ ଫରେଷ୍ଟର ଅଜୟ ସ୍ୱାଇଁ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ତେବେ ୬ ଘଣ୍ଟା ଧରି ଅହିରାଜଟି ଉଦ୍ଧାରକାରୀ ଦଳକୁ ନାକେଦମ କରିଥିଲା। ଉଦ୍ଧାର ପରେ ଏହାକୁ ସୀତଳପାଣି ବିଟ୍ ଡିମ୍ବିରିଆ ଅଞ୍ଚଳରେ ଛଡ଼ା ଯାଇଛି।

## ସାତକୋଶିଆ ଆସିଲେ ୧୨ ଘଡ଼ିଆଳ



**ବୌଦ୍ଧ,୩୦।୩(ସମିସ):** ବୌଦ୍ଧ ଜିଲ୍ଲା କୁସଙ୍ଗ ବନ୍ୟପ୍ରାଣୀ ରେଞ୍ଜ ସୁନାଖଣିଆ ବିଟ୍‌ରେ ବଂଶବୃଦ୍ଧି ପାଇଁ ୧୨ଟି ଘଡ଼ିଆଳକୁ ମହାନଦୀରେ ଛଡ଼ା ଯାଇଛି। ଏହି କୁମ୍ଭୀରଗୁଡ଼ିକୁ ନନ୍ଦନକାନନରୁ ସ୍ୱତନ୍ତ୍ର ସୁରକ୍ଷାରେ ଏଠାକୁ ଆଣାଯାଇଥିଲା। ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ଅଧିକାରୀ ଅମରେଶ ପ୍ରଧାନଙ୍କ ଉପସ୍ଥିତିରେ ଏଗୁଡ଼ିକୁ ଏଠାରେ ଛଡା ଯାଇଛି। କୁମ୍ଭୀରମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଜିପିଏସ୍ ଓ ଟ୍ରାନ୍ସମିଟର ଲଗାଯାଇଛି।

## ହରଭଙ୍ଗା ଅଞ୍ଚଳରେ ପବନ ସହ କୁଆପଥର ମାଡ଼

**ବୌଦ୍ଧ,୩୦।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବିଭିନ୍ନ ଅଞ୍ଚଳରେ କାଳ ବୈଶାଖୀ ବର୍ଷା ଦେଖିବାକୁ ମିଳିଛି। ସୋମାବରର ମଧ୍ୟାହ୍ନରେ ହଠାତ କଳାହାଣ୍ଡିଆ ମେଘ ସହ ପବନ ମାଡିଆସିଲା। ଦେଖୁ ଦେଖୁ ଘଡ଼ଘଡ଼ି, ପବନ ସହ ବର୍ଷା ସାଙ୍ଗକୁ ବିଭିନ୍ନ ସ୍ଥାନରେ କୁଆପଥର ମାଡ଼ ହୋଇଥିଲା। ପାଖାପାଖି ୨ଘଣ୍ଟା ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଦେଖାଇଥିଲା। ଏହାଫଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ବିଭିନ୍ନ ସ୍ଥାନରେ ପବନ ଯୋଗୁଁ ଗଛ ଭାଙ୍ଗିଛି। କୁଆପଥର ମାଡ଼ରେ ପନିପରିବା ଫସଲ ନଷ୍ଟ ହୋଇଛି।

## ୯୬ କେଜି ଗଞ୍ଜେଇ ଜବତ; ୨ ଜଣ ଗିରଫ

**କନ୍ଧମାଳ,୩୦।୩(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ଥାନା ଅଧିକାରୀ ବସୁଦେବ ଭୋଇଙ୍କ ନେତୃତ୍ୱରେ ବରଗାଁ ପଞ୍ଚାୟତ ଅଧୀନ ବରିଗୁଭା ଗ୍ରାମରେ ଚଢଉ କରି ୯୬ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଗଙ୍ଗାଧର କହଁର ଓ ହିମାଚଳ ମଲିକକୁ ଗିରଫ କରାଯାଇଛି। ଏ ନେଇ କନ୍ଧମାଳ ଥାନାରେ ମାମଲା ରୁଜୁ କରାଯାଇଛି।



# ଲୋକଙ୍କ ଅଭିଯୋଗ ଶୁଣିଲେ ସରକାରୀ ବାବୁ





**ବୌଦ୍ଧ,୩୦।୩(ସମିସ)**

ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଖୁଣ୍ଟିଗୋରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଏସ୍‌ପି ରାହୁଲ ଗୋୟଲ, ଉପ ଜିଲ୍ଲାପାଳ ବିନୟ ଭୋଇ ଓ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗ ଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ୫୨ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ୩୮ଟି ବ୍ୟକ୍ତିଗତ ଓ ୧୪ଟି ଗୋଷ୍ଠୀଗତ ଥିଲା। ଏହି ଅବସରରେ ୧୨ଜଣଙ୍କୁ ବିଭିନ୍ନ ପ୍ରକାର ଭତ୍ତା ବଣ୍ଟନ କରାଯାଇଥିଲା। ୩ଜଣଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା। ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଜରୁରୀ ଅଧିକାରୀ ତଥା ନୋଡାଲ ଅଫିସର ସୁଧର୍ମା ମଲ୍ଲିକ, କନ୍ଧମାଳ ବିଡ଼ିଓ ସାମୀ ଜୟଶ୍ରୀ ରେ‡ୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଅତିରିକ୍ତ ବିଡ଼ିଓ ଗଙ୍ଗାଧର ମିଶ୍ର, ଡାକ୍ତର ମହେନ୍ଦ୍ର ସାଏ, ଡାକ୍ତର ଜଗଦୀଶ ସେଠି, ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟ ମହନ୍ତ, ଏପିଓ ସଂଜିତ ମିଶ୍ର, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜ୍ଞାନ ରଞ୍ଜନ ପ୍ରଧାନ, କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଲି, ବିଏସଏସଓ ସୂର୍ଯ୍ୟନାରାୟଣ ଦାସ, ସିଡିପିଓ ପଙ୍କଜିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପିଇଓ ଜୟଦେବ ପ୍ରଧାନ, ଜ୍ଞାନ ରଞ୍ଜନ ମିଶ୍ର, ଧର୍ମ ବେହେରା, ନିରୋଜ ପାତ୍ର, ବିଆରସି ଅର୍ଜୁନ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

**ବିରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ବିରହାହାରଜପୁର ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ବାଗବର ପଞ୍ଚାୟତ କାର୍ଯ୍ୟାଳୟ ପାଶ୍ୱର୍ ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ନୃପରାଜ ସାହୁ, ଏସପି ନାରାୟଣ ସାହୁ ଯୋଗଦେଇ ୪୮ ଟି ପଞ୍ଜିକୃତ ଅଭିଯୋଗର ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୬ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୨ଟି ସାମୂହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୂହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ରାଜୀବ ହାଁସଦାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେର, ବୀରମହାରାଜପୁର ପଞ୍ଚୟତ ସମିତି ଉପାଧ୍ୟକ୍ଷ ନାରାୟଣ ଲୁହା, ତହସିଲଦାର ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ ଡେପୁଟି କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ, ଉଫୁଲା ସରପଞ୍ଚ, ଶ୍ରୀୟା କର୍ମୀ, ବାଗବାର ସରପଞ୍ଚ ନିରୁପମା ବଗର୍ତ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ।



**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବଡ଼କର୍ଲେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ସଞ୍ଜୀବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିକୁ ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମରୁ ୧୫ଜଣ ହିତାଧିକାରୀ ଅଭିଯୋଗ କରିଥିବାବେଳେ ନିଜର ବ୍ୟକ୍ତିଗତ ୧୩ଜଣ ବିଭିନ୍ନ ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ଅଭିଯୋଗପତ୍ର ଦାଖଲ କରିଥିବା ବେଳେ ସାମୂହିକ ଭାବେ ୨ଜଣ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମହେଶ୍ୱର ପଧାନ, ସ୍ଥାନୀୟ ସରପଞ୍ଚ ରୋହିତ ସାହୁ, ପିଇଓ ବଳରାମ ସେନାପତି, ଆର୍‌ଡବ୍ଲୁଏସଏସ ଅଧିକାରୀ ହିମାଦ୍ରୀ ପଧାନ, ଯୋଗାଣ ଅଧିକାରୀ ସୂର୍ଯ୍ୟକାନ୍ତ ପରିଡା ବିଏସ୍ ଓ ଖୀରୋଦଭୂଷଣ ରାଏଙ୍କ ସମେତ ବ୍ଲକ୍‌ର ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗଦେଇ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କନ୍ଧମାଳ,୩୦।୩(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଅଧୀନ ପଳଶାଗୋରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଭାପତି ଲୋକନାଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବରେ ଜିଲ୍ଲା ପରିଷଦ ସଦସ୍ୟା ପଦ୍ମାଳୟା ପ୍ରଧାନ, ସରପଞ୍ଚ ସୌଦାମିନୀ ମଲ୍ଲିକ, ସମାଜସେବୀ ଶୀତିକଣ୍ଠ ମିଶ୍ର, କନ୍ଧମାଳ ସଂକୁଳ ପ୍ରମୁଖ ସନ୍ତୋଷ କୁମାର ବିଶି, ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ଯୋଗଦେଇଥିଲେ। ଅନୁଷ୍ଠାନ ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଚିତ୍ରସେନ ଖଟୁଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ଉପରେ ବାପା ଓ ମାଆ ମାନଙ୍କର କର୍ତ୍ତବ୍ୟ ଓ ଶିଶୁର ସର୍ବାଙ୍ଗୀନ ବିକାଶ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହେମନ୍ତ ପୁଟେଲ ବାର୍ଷିକ ବିବରଣୀ ପାଠ କରିଥିବାବେଳେ, ଗୁରୁଜୀ ଶ୍ରୀପତି ଦୀପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁମନ୍ଦିରର ସମ୍ପାଦକ ସୁରେନ୍ଦ୍ର ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁମନ୍ଦିର ଭାଇଭଉଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶ୍ରୀପତି ଦୀପ, ରାଜେଶ ରଣା, ମୀନକେତନ ରଣା, ଲିପ୍ସା ଦାସ, ଶାନ୍ତି ପ୍ରିୟ ଗୁରୁ, ସୌରୀ ପାଢ଼ୀ, ପଦ୍ମିନୀ ମିଶ୍ରଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା,ପରିଚାଳନା ସମିତି କାର୍ଯ୍ୟକର୍ତ୍ତା, ପୂର୍ବତନ ପରିଚାଳନା ସମିତି କାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।



## ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର

**ବୀରମହାରାଜପୁର,୩୦।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ଗ୍ରାମୀଣ ଅଞ୍ଚଳରେ ଜନଗଣନା କାର୍ଯ୍ୟକ୍ରମକୁ ସମ୍ପାଦନ କରିବା ପାଇଁ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାର୍ଜ ସେନସସ୍ ଅଫିସର ସୁଚିସ୍ମିତା ପାଣିଗ୍ରାହୀଙ୍କ ନେତୃତ୍ୱରେ ସଞ୍ଚାଳିତ ହୋଇଥିଲା। ସମସ୍ତ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ୫ଟି ବ୍ୟାଚ୍‌ରେ ବିଭକ୍ତ କରାଯାଇ ପ୍ରତ୍ୟେକ ବ୍ୟାଚ୍‌କୁ ୩ ଦିନ ଧରି ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କ୍ଷେତ୍ର ପ୍ରଶିକ୍ଷକ ଭାବେ ପ୍ରୀତମ ମହାନ୍ତି, ନରେନ୍ଦ୍ର ଭୋଇ ଓ ଯଶୋବନ୍ତ ପଧାନ ଅଂଶଗ୍ରହଣ କରିଥିଲେ। ସରକାରଙ୍କ ଯୋଜନା ଅନୁସାରେ ଘର ତାଲିକାକରଣ କାର୍ଯ୍ୟ ୧୬ ଏପ୍ରିଲ୍‌ରୁ ଆରମ୍ଭ ହୋଇ ୧୫ମେ' ପର୍ଯ୍ୟନ୍ତ ଚାଲିବ। ତା'ପୂର୍ବରୁ ୧ ଏପ୍ରିଲ୍‌ରୁ ୧୫ ଏପ୍ରିଲ୍ ପର୍ଯ୍ୟନ୍ତ ସ୍ୱ-ଗଣନା କାର୍ଯ୍ୟ ସମ୍ପନ୍ନ କରାଯିବ। ଏହି ଗଣନାରେ ସଭିଏ ସାମିଲ ହେବାକୁ ବିଭାଗୀୟ ଅଧିକାରୀଙ୍କ ତରଫରୁ ଅନୁରୋଧ କରାଯାଇଥିଲା।

## ଇନୋଭାରୁ ୩୪୨ କେଜି ଗଞ୍ଜେଇ ଜବତ



**ବୌଦ୍ଧ,୩୦।୩(ସମିସ):** ୫୭ ନମ୍ବର ଜାତୀୟ ରାଜପଥର ବଲାସିଙ୍ଗା ଆଇଆରବି ଛକ ନିକଟରୁ ଗୋଟିଏ ଇନୋଭାରୁ ବୌଦ୍ଧ ଥାନା ପୁଲିସ ୩୪୨ କେଜି ଗଞ୍ଜେଇ ଜବତ କରିଛି। ସକାଳେ ସବ୍ ଇନ୍ସପେକ୍ଟର ଯଶୋବନ୍ତ କହଁରଙ୍କ ନେତୃତ୍ୱରେ ଏକ ଟିମ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ସୋନପୁର ପଟୁ ବୌଦ୍ଧ ଆଡକୁ ଆସୁଥିବା ଏକ ଇନୋଭା ପୁଲିସକୁ ଦେଖି ହଡବଡେଇ ଯାଇଥିଲା। ଡ୍ରାଇଭର ଗାଡିକୁ ରାସ୍ତାରେ ରଖିଦେଇ ପଳାଇଯିବାକୁ ଉଦ୍ୟମ କରିଥିଲା। ପୁଲିସ କିନ୍ତୁ ତାକୁ କାବୁ କରି ନେଇଥିଲେ ଅଭିଯୁକ୍ତ ହେଉଛି ସୁନ୍ଦରଗଡ ଜିଲ୍ଲା କୁତୁରା ଥାନା ଖତପୁରବାହାଲ୍ ଗ୍ରାମର ସାଗର ସାହୁ। ଗାଡିକୁ ତନଖି କରିବାରୁ ଗଞ୍ଜେଇ ବାହାରି ଥିଲା।

## ବାଲ୍ୟ ବିବାହ, ମଦ୍ୟ ପାନକୁ ନା

**ମନମୁଣ୍ଡା,୩୦।୩(ସମିସ):** ଡୁମାଳ ପରିଷଦ, ଭାଲିଆପଦର କେନ୍ଦ୍ର (ମନମୁଣ୍ଡା ପଞ୍ଚାୟତ)ରେ କେନ୍ଦ୍ରୀୟସ୍ତରୀୟ ଡୁମାଳ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜରେ ବାଲ୍ୟ ବିବାହକୁ ନିଷେଧ ଏବଂ ମଦ ମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ସଂକଳ୍ପ ନେଇଛନ୍ତି। ଭାଲିଆପଦର କେନ୍ଦ୍ର ସଭାପତି ରବିଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୁଦାମ ଖମାରୀ (ରାଜ୍ୟ ଡୁମାଳ ପରିଷଦ ଉପ ସଭାପତି) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଧୀର ମହାକୁଡ, ଘିକୁଣ୍ଡି ସରପଞ୍ଚ ସମରେନ୍ଦ୍ର ପ୍ରଧାନ, ସୀତାଂଶୁ ମହାକୁଡ ( ସଭାପତି, ବୌଦ୍ଧ ଜିଲ୍ଲା ସଭାପତି), କାହ୍ନୁ ଚରଣ ମେଶୁଆ (ଜିଲ୍ଲା ସମ୍ପାଦକ), ନୀଳାମ୍ବର ଖମାରୀ, ଧ୍ରୁବ ପ୍ରଧାନ (ବଡ ଦେହୁରୀ ପାଳି କେନ୍ଦ୍ର ସଭାପତି), ଖଗେଶ୍ୱର ବସ୍ତିଆ, ବିଭୁ ପ୍ରସାଦ ଖେତି, କୈଳାଶ ବିଶି, ରମଣୀ ପ୍ରଧାନ, ସୁଧୀର କର୍ଣ୍ଣ (ପୂର୍ବତନ ରାଜ୍ୟ ସଭାପତି), ଅଶୋକ ମହାକୁଡ, ଭାଲିଆପଦର ଉପ ସଭାପତି ଖଗେଶ୍ୱର ଡ଼ାଙ୍ଗ, ଉପଦେଷ୍ଟା ଗୌର ପ୍ରଧାନ, ସମ୍ପାଦକ ତପନ କର୍ମୀ, ବରିଷ୍ଠ ସଭ୍ୟ ବିଘ୍ନେସନ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। କାହ୍ନୁ ଚରଣ ମେସୁଆ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ଗୌର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ତଙ୍କୁ ବାନ୍ଧି ରଖିଛି ରାମଲୀଳା

**ବୌଦ୍ଧ,୩୦।୩(ସମିସ):** ବୌଦ୍ଧ ସହରସ୍ଥିତ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପ୍ରାଙ୍ଗଣ ମାରୁତି ମଣ୍ଡପରେ ଶ୍ରୀ ରାମଲୀଳା ନାଟ୍ୟ ସଂସଦ ଆନୁକୂଲ୍ୟରେ ଦୀର୍ଘ ୧୮ ଦିନ ବ୍ୟାପୀ ଶ୍ରୀ ରାମଲୀଳା ଯାତ୍ରା ଅନୁଷ୍ଠିତ ହୋଇଛି।



ତୃତୀୟ ଦିବସରେ ଶ୍ରୀ ରାମଚନ୍ଦ୍ର ଓ ମାତା ସୀତାଙ୍କ ବିବାହ ସମ୍ପନ୍ନ ହୋଇଛି। ବରଯାତ୍ରୀ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ପର୍ଶୁରାମଙ୍କ ସହ ଭେଟ ହୋଇଛି। ପରେ ପରେ ଶ୍ରୀ ରାମଚନ୍ଦ୍ରଙ୍କ ବନଗମନ ନାଟକ ମଞ୍ଚସ୍ଥ ହୋଇଥିଲା। କୀର୍ତ୍ତି ଭୋଇ, ମନୋରଞ୍ଜନ ମିଶ୍ର, ଜିତେନ୍ଦ୍ର ମହାନ୍ତି, ମୃତ୍ୟୁଞ୍ଜୟ ମିଶ୍ର, ସତ୍ୟଜିତ ମିଶ୍ର, ଜଗଦୀଶ ବାରିକ, ମୁକେଶ ପ୍ରଧାନ, ସୁଜ୍ଞାନ ଜେନା, ରଞ୍ଜନ ବାରିକ, ମନୋଜ ସାହୁ, ତପନ ବାରିକ, ଅମ୍ରିତ ମହାପାତ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

ଚତୁର୍ଥ ଦିବସ ନାଟକରେ ଶ୍ରୀରାମ ପିତୃ ସତ୍ୟ ପାଳନ ପାଇଁ ପତ୍ନୀ ଓ ଭାଇ ସହ ବନ ଗମନ କରିବା ପରେ ଶୋକରେ ରାଜା ଦଶରଥଙ୍କ ପରଲୋକ ଘଟିଥିଲା। ଜଙ୍ଗଲରେ ଲଙ୍କାପତି ରାବଣର ଭଉଣୀ ସୂର୍ପଣଖା ଶ୍ରୀରାମ ଓ ଲକ୍ଷ୍ମଣଙ୍କ ରୂପରେ ବିମୋହିତ ହୋଇ ସେମାନଙ୍କୁ ବିବାହ ନିବେଦନ କରିଥିଲା। ଶ୍ରୀରାମ ଲକ୍ଷ୍ମଣ ବିବାହ ପାଇଁ ରାଜି ନ ହେବାରୁ ସୁର୍ପଣଖା ନିଜର ରାକ୍ଷସୀ ପ୍ରବୃତ୍ତି ପ୍ରଦର୍ଶନ କରି ବିବାହ ପାଇଁ ବାଧ କରିଥିଲା। ଏଣୁ କ୍ରୋଧରେ ଲକ୍ଷ୍ମଣ ତାର ନାକ ଓ କାନ କାଟି ଛାଡିଦେଇଥିଲେ। ସେପଟେ ପିତାଙ୍କ ମୃତ୍ୟୁ ଖବର ପାଇ ମାମୁଁଘରେ ଥିବା ଭରତ ଓ ଶତ୍ରୁଘ୍ନ ଅଯୋଧ୍ୟାରେ ପହଞ୍ଚିଥିଲେ। ବଡଭାଇ ଶ୍ରୀରାମଙ୍କ ବନ ଗମନ ଓ ପିତା ଦଶରଥଙ୍କ ପରଲୋକର କାରଣ ନିଜର ମାତା କୈକେୟୀ ଏବଂ ତାଙ୍କୁ ଅଯୋଧ୍ୟାର ସିଂହାସନରେ ବସାଇବାକୁ ଦାସୀ ମନ୍ଥରାର କୁମନ୍ତ୍ରଣାରେ ମାତା ଏହିପରି କାର୍ଯ୍ୟ କରିଥିବା ଜାଣିବା ପରେ ଭରତ ନିଜକୁ ଏବଂ ମାତାଙ୍କୁ ଧିକାର କରିଥିଲେ।



ପିତାଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟ ସାରି ବଡଭାଇ ଶ୍ରୀରାମଙ୍କୁ ଫେରାଇ ଆଣିବାକୁ ମନ୍ତ୍ରୀ ପରିଷଦ ଓ ମାତାଙ୍କୁ ନେଇ ବନ ଗମନ କରଥିଲେ। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଉତ୍କୃଷ୍ଟ ରଚନା ଓ ଭବାନିଶଙ୍କର ମହାପାତ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଶ୍ରୀରାମଲୀଳା ନାଟ୍ୟ ସଂସଦର କଳାକାର ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ରଗୁଡିକରେ ନିଖୁଣ ଭାବେ ଅଭିନୟ କରିଥିଲେ। ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ଓ ଗୋପାଳକୃଷ୍ଣ ବେହେରା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ।

**କନ୍ଧମାଳ:** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ସଦର କନ୍ଧମାଳ ଗ୍ରାମରେ ଶ୍ରୀରାମକୃଷ୍ଣ ନାଟ୍ୟ ସଂସଦ ପକ୍ଷରୁ ଆୟୋଜିତ ରାମଲୀଳା ନାଟକର ଆଜି ତୃତୀୟ ରାତି। ଏହି ଅବସରରେ କନ୍ଧମାଳ ଗାଁ ରାମଲୀଳା ମଣ୍ଡପରେ ରବିବାର ହୋଇଥିବା ନାଟକରେ ମନ୍ଥରାର କୁଟ୍ ଚକ୍ରାନ୍ତ ଏବଂ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ବନବାସ ଗମନ ମଞ୍ଚସ୍ଥ ହୋଇଥିଲା। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟକକୁ ଦର୍ଶକମାନେ ଶ୍ରଦ୍ଧାର ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। କ୍ଷୀରୋଦ୍ର ଖଟୁଆ, ପପିନା ସାହୁ, ବିଶ୍ୱରଞ୍ଜନ ସାହୁ, ଲାଲୁ ବାଘ, ସାନ ବାଘ, ଜସ୍ମିନ୍ ଜାଲ, ସଞ୍ଜୀବ କହଁର, ନେତ୍ରାନନ୍ଦ ବାଘ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ମୋହନ ସାହୁ ଏବଂ ତ୍ରିଲୋଚନ ସାହୁ ମଞ୍ଚ ପରିଚାଳନା କରିଥିଲେ।

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଗ୍ରାମରେ ଶ୍ରୀ ଶ୍ରୀ ରାମଲୀଳା ସାଂସ୍କୃତିକ ପରିଷଦ ପକ୍ଷରୁ ରାମଲୀଳା ନାଟ୍ୟୋତ୍ସବ ଚାଲିଛି। ଦ୍ୱିତୀୟ ରଜନୀରେ ରାମଚନ୍ଦ୍ର ତାଡ଼କା, ସୁବାକୁ ଓ ମାରୀଚ ଅସୁର ବଧ କରିଛନ୍ତି। ରାକ୍ଷସଙ୍କ କବଳରୁ ମୁନିଋଷିଙ୍କୁ ଉଦ୍ଧାର କରିଛନ୍ତି। ଋଷି ବିଶ୍ୱାମିତ୍ରଙ୍କ ସହ ରାମ, ଲକ୍ଷ୍ମଣ ଯାଇ ପାଷାଣ ହୋଇଥିବା ଅହଲ୍ୟାଙ୍କୁ ଉଦ୍ଧାର କରିଛନ୍ତି। ମିଥିଳାରେ ପହଞ୍ଚି ଲକ୍ଷେ ରାଜାଙ୍କ ଉପସ୍ଥିତିରେ ଶିବ ଧନୁ ଭଗ୍ନ କରି ଦେବୀସୀତାଙ୍କୁ





ବିବାହ କରିଛନ୍ତି। ଚୂଡ଼ାମଣି ମେହେର, ରଞ୍ଜନ ମେହେର, ସଂଜିତ ମେହେର, ଜିତୁ ମେହେର, ରବୀନ୍ଦ୍ର ମେହେର, ନେପାଳ ମେହେର, ପିତାମ୍ବର ମେହେର, ସହଦେବ ମେହେର, ବୀରେନ୍ଦ୍ର ମେହେର, ଥପା ମେହେର, ସିଦ୍ଧେଶ୍ୱର ମେହେର, ଘାସିରାମ ମେହେର, ସୁରୁ ମେହେର, ପବିତ୍ର ମେହେର, ସନ୍ତୋଷ ମେହେର, ଲକ୍ଷଣ ମେହେର, ବୁଦ୍ଧଦେବ ମେହେର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏହି ଅବସରରେ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ଜଗତି ହାଇସ୍କୁଲ, ଜହ୍ନାପଙ୍କ ହାଇସ୍କୁଲ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ସୋମବାର ସକାଳ ୯ଟାରେ ପ୍ରଭୁଙ୍କ ନଗର ପରିକ୍ରମା କରାଯାଇଥିଲା। ଗାଁର ମହିଳାମାନଙ୍କ ଦ୍ୱାରା ୧୦୮ ପ୍ରକାର ମିଷ୍ଟାନ୍ନ ପ୍ରସ୍ତୁତ କରାଯାଇଥିଲା। ଏହା ପରେ ପ୍ରଭୁ ରାମଚନ୍ଦ୍ର ଓ ମାତା ସୀତାଙ୍କ ନିର୍ବନ୍ଧ କାର୍ଯ୍ୟକ୍ରମ ଜଗନ୍ନାଥ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଏକ ବିବାହ ଶୋଭାଯାତ୍ରା ମଣ୍ଡପରେ ପହଞ୍ଚିବା ପରେ ପ୍ରଭୁ ରାମଚନ୍ଦ୍ର ଓ ମାତା ସୀତାଙ୍କ ସହ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବରିଷ୍ଠ ନାଗରିକ ସଂଗଠନ ସଦସ୍ୟଙ୍କ ଦେହାନ୍ତରେ ଶୋକସଭା

**ବୀରମହାରାଜପୁର,୩୦।୩(ସମିସ):** ବରିଷ୍ଠ ନାଗରିକ ସଂଗଠନର ସଦସ୍ୟ ନରେନ୍ଦ୍ର ସାହୁଙ୍କ ଦେହାନ୍ତରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦୟାନିଧି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହିସଭାରେ ପୂର୍ବତନ ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ ଏକ ଶୋକପ୍ରସ୍ତାବ ଆଗତ କରିଥିଲେ। ଏଥିରେ ସମ୍ପାଦକ ଡ. ଦ୍ୱିତୀକୃଷ୍ଣ ପଣ୍ଡା, କୃଷ୍ଣଚନ୍ଦ୍ର ପାଢ଼ୀ, ଭଗବାନ ମିଶ୍ର, ଅକ୍ଷୟ କୁମାର ମିଶ୍ର, ସଦସ୍ୟ ଜ୍ଞାନେନ୍ଦ୍ର ତ୍ରିପାଠୀ, ଜୟଦେବ ସାହୁ, ଚମରା ମହାକୁର, ତ୍ରିନାଥ ମିଶ୍ର, ସୌମିତ୍ରୀ ମେହେର, ବଳରାମ କାଣ୍ଡ ପ୍ରମୁଖ ଯୋଗଦେଇ ଥିଲେ।

## ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା



**ମନମୁଣ୍ଡା,୩୦।୩(ସମିସ):** ସୋମବାର ଜୀବନବିକାଶ ଡ଼ିଗ୍ରୀ ମହାବିଦ୍ୟାଳୟ, ଦହ୍ୟାରେ ବିଦାୟକାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ସମ୍ମାନର ସହ ବିଦାୟ ଦିଆଯାଇଛି। ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ପରିଚାଳନା କମିଟି ସଭାପତି କିଶୋର ମେହେର ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଅଧ୍ୟକ୍ଷ ସୁଶାନ୍ତ ଗୁରୁଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ସୂର୍ଯ୍ୟକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ରାଜପଥ-୨୬

# କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ସୁଧୁରୁନି ଅବସ୍ଥା

**କେସିଙ୍ଗା, ୩୦ ।୩(ସମିସ):** ଜାତୀୟ ରାଜପଥ ୨୬ ଯାହା ନବରଙ୍ଗପୁର ପଟୁ ଆସି କଳାହାଣ୍ଡି ଦେଇ ବରଗଡ଼ ସମ୍ବଲପୁର ହୋଇ ଆଗକୁ କୋଲକାତା ପର୍ଯ୍ୟନ୍ତ ଲମ୍ବିଛି ।ହେଲେ ଉକ୍ତ ରାଜପଥ ଜାତୀୟ ରାଜପଥ ନହୋଇ ରାଜ୍ୟ ରାଜପଥ ଠାରୁ ବଳି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରକ୍ଷଣବେକ୍ଷଣର ଅଭାବ ସାଙ୍ଗକୁ ବିଭାଗର ନିଷ୍କ୍ରିୟତା ଯୋଗୁଁ ଉକ୍ତ ରାଜପଥ ସ୍ଥାନେ ସ୍ଥାନେ ଖରାପ ହୋଇ ପିଚୁ ଉଠିବା ସାଙ୍ଗକୁ କେସିଙ୍ଗା ସହରର ଅନେକ କଲଭର୍ଟ ଦାବୀ ଗଲାଣି ।ରାଜ ରାସ୍ତାରେ ଦୁଇ କଡ଼ରେ ବାଲି ମାଟି ରାସ୍ତା ଉପରକୁ ଆସି ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି। ମରାମତି ଦାୟିତ୍ୱ ନେଇଥିବା ଉକ୍ତ ଠିକା ସଂସ୍ଥାକୁ ରାସ୍ତାର ଦୁଇ କଡ଼ ସଫା କରିବାର ଦାୟିତ୍ୱ ଦିଆଯାଇଛି ହେଲେ ସଂସ୍ଥା ଠିକରେ କାମ କରୁନାହିଁ।କେବଳ ରାସ୍ତାରେ ରଙ୍ଗ ମାରି ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେଉଛି ।ରାଜପଥର ଅନେକ ସ୍ଥାନରେ ସାଙ୍କେତିକ ଚିହ୍ନ ନାହିଁ ଫଳରେ ରାତ୍ରି ସମୟରେ ଅନେକ ଲୋକଙ୍କୁ ରାସ୍ତା ବିଷୟରେ କିମ୍ବା କୌଣସି କାର୍ଯ୍ୟାଳୟ ବିଷୟରେ ଜାଣିବାରେ ଅସୁବିଧା ହେଉଛି ।ସେପଟରେ ଆଗରୁ କୋଉ ଠିକା ସଂସ୍ଥା କାମ କରିଥିଲା କିପରି କରୁଥିଲା ତାହା ଗତସ୍ୟ ସୂଚନା ନାସ୍ତି। ହେଲେ ବର୍ତ୍ତମାନ ୫ ମାସ ହେଲାଣି ରାଜପଥ ମରାମତି ଦାୟିତ୍ୱ ସରସ୍ୱତୀ ନାମକ ଏକ ଠିକା ସଂସ୍ଥା କୁ କାମ ଦିଆଯାଇଛି। ଆଗରୁ ଯୋଉ ଠିକା ସଂସ୍ଥା ଯେମିତି କାମ କରୁଥିଲା ବର୍ତ୍ତମାନ ମଧ ନୂତନ ଠିକା ସଂସ୍ଥା ମଧ ସେମିତି ନାହିଁ ନାହିଁରେ କାମ କରୁଛି। ସେପଟେ ରାଜପଥ ଖରାପ ଯୋଗୁଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଜନସାଧାରଣଙ୍କ ଜୀବନ ଯାଉଛି ।ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ବିଷୟ ଉପରେ ଆଲୋଚନା କରିବା ପାଇଁ କେସିଙ୍ଗା ରେ ଥିବା ରାଜପଥ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ବହୁତ ଚେଷ୍ଟା କରିଥିଲୁ କିନ୍ତୁ ସମ୍ଭବ ହୋଇ ପାରିନଥିଲା।

### କେସିଙ୍ଗା ମାରୱାଡ଼ି ଯୁବାମଞ୍ଚର କର୍ମକର୍ତ୍ତା ଚୟନ

# ବିକାଶଚନ୍ଦ୍ର ସଭାପତି, ବିଶାଳ ସମ୍ପାଦକ

**କେସିଙ୍ଗା, ୩୦ ।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଥିବା ମାରୱାଡ଼ି ଯୁବା ମଞ୍ଚର ବାର୍ଷିକ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ଗୌରୀଶଙ୍କର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।କର୍ମକର୍ତ୍ତା ନିର୍ବାଚନ ଅନୁଯାୟୀ୨୦୨୬-୨୭ ପାଇଁ ସଭାପତି ଭାବରେ ପୁନର୍ବାର ବିକାଶଚନ୍ଦ୍ର ଅଗ୍ରୱାଲଙ୍କୁ ସର୍ବସମ୍ମତି କ୍ରମେ ସଭାପତି ଭାବରେ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବରେ ବିଶାଳ ଜୈନଙ୍କୁ ଚୟନ କରାଯାଇଛି। ପ୍ରକାଶ ଥାଉକି କେସିଙ୍ଗା ମାରୱାଡ଼ି ଯୁବା ମଞ୍ଚ ବିଭିନ୍ନ ସମୟରେ ବିଭିନ୍ନ ଜନହିତକର କାର୍ଯ୍ୟକରି ଅଞ୍ଚଳରେ ଜନସାଧାରଣଙ୍କ ପ୍ରିୟଭାଜନ ହୋଇ ପାରିଛି।




# ସିଆରପିଏଫ୍ ୧୨ ବାଟାଲିୟନ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ



**ଲାଞ୍ଜିଗଡ଼, ୩୦ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତସ୍ଥିତ ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟରେ ତ୍ରିଲୋଚନପୁର ସିଆରପିଏଫ ୧୨ବାଟାଲିଆନ ପକ୍ଷରୁ ସିଭିକ୍ ଆକ୍ସନ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ସିଆରପିଏଫ କମାଣ୍ଡେଣ୍ଟ୍ ନନ୍ଦ କିଶୋର କୁମାର ପ୍ରସାଦ ଯୋଗଦେଇ ଅଞ୍ଚଳବାସୀଙ୍କ ଦୁଃଖଶୁଖରେ ସାଥୀହୋଇ ତାଙ୍କର ସୁରକ୍ଷା ଦିଗରେ ସର୍ବଦା ସହଯୋଗର ହାତ ବଢ଼ାଇବା ପାଇଁ ଯବାନମାନେ ତତ୍ପର ବୋଲି ପ୍ରକାଶ କରିଥିଲେ ।ସମ୍ମାନିତ ଅତିଥି ଭାବେ ତ୍ରିଲୋଚନପୁର ସରପଞ୍ଚ ସୋନାଲି ମାଝୀ, ସମିତି ସଭ୍ୟା ସୁଦସା ପଟ୍ଟନାୟକ, ନାଏବ ସରପଞ୍ଚ ତରଣୀ ସେନ ବାଗ, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିଲୋଚନପୁର ପଞ୍ଚାୟତର ପୁଲଡୁମେର, ପାଲବେରୀ, କୁନ୍ନାକାଡୁ, ଆମ୍ବଗୁଡା, ଗନ୍ଧନୀ, ଓଲବାହିଲି, ତ୍ରିଲୋଚନପୁର, ଖେମୁଣ୍ଡିପଦର, ଆମଠାପଦର, ଶ୍ୟାମସୁନ୍ଦରପୁର, ବେଲଗୁଡା ଗ୍ରାମର ଲୋକେ ଉପସ୍ଥିତ ଥିଲେ।ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଛତୁ ଚାଷ ଉପକରଣ, ମହୁ ଚାଷ ଉପକରଣ, ଧୂପକାଠି ପ୍ରସ୍ତୁତ ମେସିନ ଓ ଟେଲର ମସିନ ବଣ୍ଟନ କରାଯାଇଥିଲା ।ଗୋଇପଟା ସିଆରପିଏଫ ୧୨ ବାଟାଲିଆନର ଇନ୍ସପେକ୍ଟର ମକା ରାଜେସ, ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ ସହିତ ସମସ୍ତ ଯବାନ ସହଯୋଗ କରିଥିଲେ ।ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ।ସିଆରପିଏଫ୍ କମାଣ୍ଡାଣ୍ଟ୍ ନନ୍ଦ କିଶୋର କୁମାର ପ୍ରସାଦ ଏଭଳି କାର୍ଯ୍ୟକ୍ରମ ଅଞ୍ଚଳର ଲୋକମାନଙ୍କ ଭୟକୁ ଦୂର କରିବା ସହିତ ଲୋକଙ୍କ ଓ କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ ଉପରେ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ବଢ଼ାଇବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

### ବିଧାୟିକାଙ୍କ ଘରେ ପୁଲିସର ଚଢ଼ଉ ପ୍ରସଙ୍ଗ

# ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ଦୃଢ଼ ପ୍ରତିବାଦ




**ଭବାନୀପାଟଣା, ୩୦ ।୩(ସମିସ)**

ରାଜ୍ୟରେ କୋମଳମତୀ ଶିଶୁ କନ୍ୟାଙ୍କୁ ବର୍ବରୋଚିତ ଦୁଷ୍କର୍ମ ହେଉ କି ହତ୍ୟା ଲୁଣ୍ଠନ ଆଉ ନାରୀ ନିର୍ଯାତନା ଅପହରଣ ବୃଦ୍ଧି ପାଇ ଚାଲିଛି ଆଇନଶୃଙ୍ଖଳା। କିନ୍ତୁ ଅପରାଧକୁ ରୋକିବା ପାଇଁ ଯେମିତି ସରକାରରେ ମାନସିକତା ହଜି ହଜି ଯାଇଛି। ଅନ୍ୟପକ୍ଷରେ ରାଜନୀତିର ଚକ୍ରବ୍ୟୁହରେ ପୁଲିସ ପେଷି ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ଜଣେ ବିଧାୟକଙ୍କ ଫାଙ୍କା ଗୁଳି ଚାଳନା ଘଟଣା ଅଣଦେଖା କରାଯାଉଥିବା ବେଳେ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଘରେ ପୁଲିସ ଚଢ଼ଉ କରିବା ଭଳି ପ୍ରସଙ୍ଗକୁ କେହି ସହଜରେ ହଜମ କରିପାରିନାହାନ୍ତି ।ରାଜନୈତିକ ଉଦ୍ଦେଶ୍ୟ ରଖି ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ବାଚସ୍ପତିଙ୍କ ବିନା କ୍ଲିୟରେନ୍ସରେ ପୁଲିସ ଚଢ଼ଉ କରିବା ଘଟଣାରେ କଳାହାଣ୍ଡି ଜିଲ୍ଲା ବିଜୁ ଯୁବ-ଛାତ୍ର-ମହିଳା ଜନତା ଦଳ ତରଫରୁ ସ୍ଥାନୀୟ ଗାନ୍ଧୀ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୁଲିସ କେଉଁ ପରିସ୍ଥିତିରେ ବିଧାୟକଙ୍କ ଘରକୁ ବିନା କୌଣସି ମହିଳା ପୁଲିସ ଉପସ୍ଥିତିରେ ଓ ଅନୁମତିରେ ପ୍ରବେଶ କଲା ବୋଲି ବିଜେଡି ନେତାମାନେ ପ୍ରଶ୍ନ କରିଛନ୍ତି। ରାମନବମୀ ଉତ୍ସବ ବେଳେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଫାଙ୍କା ଗୁଳି ଚାଳନା ଘଟଣାରେ ଏଯାଏଁ

### ଶାସକଦଳ ରାଜନୀତିରେ ପେଶି ହେଉଛି କି ପୁଲିସ

ତାଙ୍କୁ ଗିରଫ କାହିଁକି କରାଯାଇନାହିଁ ବୋଲି ପାଲଟା ପ୍ରଶ୍ନ କରିଛନ୍ତି । ରାଜ୍ୟସଭା ନିର୍ବାଚନରେ ଶାସକ ଦଳର ସତଚେଷ୍ଟା ସତ୍ତ୍ୱେ ନର୍ଲା ବିଧାୟକ କ୍ରସ୍ ଭୋଟିଂ ନକରି ନବୀନ ବାବୁଙ୍କ ସହିତ ଛିଡ଼ା ହୋଇଥିଲେ। ଏପରିକି ବିଧାୟକଙ୍କ ସ୍ୱାମୀ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଜାନୁଆରୀ ମାସରେ ଫୋନ୍ ମାଧ୍ୟମରେ ତହସିଲଦାରଙ୍କ ସହ କଥାବାର୍ତ୍ତା କରିଥିବା ବାବଦରେ କ'ଣ ପାଇଁ ରାଜ୍ୟସଭା ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଏତଲା ଦିଆଗଲା ବୋଲି ଯୁବ ବିଜେଡି ପ୍ରଶ୍ନ କରିଛି। ଆଗାମୀ ଦିନରେ ପୁଲିସ ପକ୍ଷରୁ ସ୍ୱଷ୍ଟୀକରଣ ନଦେଲେ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଫିସ ଘେରାଉ କରାଯିବ ବୋଲି ଯୁବ ବିଜେଡି ସଭାପତି ଅବିନାଶ ଠାକୁର କହିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ବିଜେଡି ଉପସଭାପତି ମନିନ୍ଦ୍ର ମହାନ୍ତି, ସାମନ୍ତ ଖମାରୀ, ଯୁବ ନେତା କ୍ଷିରସିନ୍ଧୁ ନାଏକ, ଶିବା ସାହୁ, ନିଳାମ୍ବର ସାହୁ, ପ୍ରଦୀପ ପ୍ରଧାନ, ନଳୀନ ପଟ୍ଟନାୟକ, ଦିନେଶ ବରର୍ଗ୍ତି, ପରମାନନ୍ଦ ମାଝୀ, ପ୍ରଦୀପ ସାହୁ, ଦେବେନ୍ଦ୍ର କୁମାର, ସିଲୁ ବିଶି ପ୍ରମୁଖ ସାମିଲ ଥିଲେ।

### ନର୍ଲାରେ ବିକ୍ଷୋଭ

ସେହିପରି ସୋମବାର ଦିନ ଯୁବ, ଛାତ୍ର ଓ ମହିଳା ବିଜେଡି ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ତହସିଲ ଅଫିସ ସମ୍ମୁଖରୁ ବାହାରି ନର୍ଲା ଚାରିଛକ ଯାଏଁ ଯାଇଥିଲେ ।ଏଥିରେ ନର୍ଲା ଛାତ୍ର ବିଜେଡିର ସଭାପତି ଘାସିରାମ ସାହୁ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ସବିତା ପଧାନ, ନର୍ଲା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ପଧାନ, ମ.ରାମପୁର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ତୁଳସୀ ବିଶି, କର୍ଲାମୁଣ୍ଡାର ମନ୍ଦିରା ନାଏକ, ଭବାନୀପାଟଣା ମହିଳା ମୋର୍ଚ୍ଚାର ସଦସ୍ୟା ମମତା ଦାସ, ସୁତପାଙ୍କ ସମେତ ଅନେକ ମହିଳା କାଉନସିଲର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନର୍ଲା ବ୍ଲକ ବିଜେଡି ସଭାପତି ନୀଳମଣି ସାହୁ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ନର୍ଲା ସରପଞ୍ଚ ସଂଘ ସଭାପତି ଅନନ୍ତରାମ ମାଝୀ, ନର୍ଲା ସମିତି ସଦସ୍ୟ ସଂଘ ସଭାପତି ଜୟ ମେହେର, ସମାଜସେବୀ ସରୋଜ ପରିଡ଼ା, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ମନ୍ମଥ ପୁଝାରୀ, ଯତୀନ ନାଏକ, ପୂର୍ବତନ ସରପଞ୍ଚ ସନ୍ତୋଷ କଠାର, ତହସିଲ ସାହୁ, କୁଲୁ ଚାନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

# ନବମ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା

**ଭବାନୀପାଟଣା, ୩୦ ।୩ (ସମିସ):** ଯଦୁବଂଶର ଗୌରବଗାଥାକୁ ନେଇ ମୁଖରିତ ହୋଇ ଉଠିଛନ୍ତି ବେଦ ଓ ପୁରାଣ। ବେଦର ପ୍ରସିଦ୍ଧ ଜାତି ହେଉଛନ୍ତି ଯାଦବ। ଅତିତରେ ଯାଦବମାନେ ଷାଠିଏ ବର୍ଷ (ଦେଶ)ରେ ଶାସନ କରୁଥିଲେ। ବର୍ତ୍ତମାନ ପୁଣିଥରେ ସଶକ୍ତ ହୋଇ ଉଠିବାକୁ ନର୍ଲା ଠାରେ ଆୟୋଜିତ ନବମ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାରେ ମତ ପ୍ରକାଶ ପାଇଛି। ମାଣ୍ଡେଲସ୍ଥିତ ନର୍ଲା ବ୍ଲକ ଯାଦବ ଭବନଠାରେ ଦୁଇଦିନ ଧରି ନବମ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର କର୍ମକର୍ତ୍ତା ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ 'ନବମ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା-୨୦୨୬'ପୂର୍ଣ୍ଣ ସଫଳ ହୋଇଛି। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ନବମ ଯାଦବ ମହାସଭା'ରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତ ବର୍ଷିୟ ଯାଦବ ମହାସଭାର ସମ୍ପାଦକ ରାଜୁ ଘିଭେଲା, ବିଶିଷ୍ଟ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ଉପସଭାପତି ଲମ୍ବୋଦର ନିଆଲ, ମୁଖ୍ୟବକ୍ତା ଭାବେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ତ୍ରିଲୋଚନ ନାଗ, ବିଶିଷ୍ଟ ବକ୍ତା ଭାବେ ଅଧ୍ୟାପକ ମାଧବ ଲହଜଲ, ସମ୍ମାନିତ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ମହିଳା ପ୍ରକୋଷ୍ଠ ଅଧ୍ୟକ୍ଷା ସଞ୍ଜୁକ୍ତା ବେହେରା, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ନବନିର୍ବାଚିତ ସଭାପତି ନୃପରାଜ ଯାଦବ, ସାଧାରଣ ସମ୍ପାଦକ ତ୍ରିପୁରା ନାୟକ, ବିଦାୟୀ ସାଧାରଣ ସମ୍ପାଦକ ଡ଼ଃ ସଞ୍ଜୟ ଧଙ୍ଗଡ଼ାମାଝୀ, ଜିଲ୍ଲା ଅଭ୍ୟର୍ଥନା କମିଟି କୋଷାଧ୍ୟକ୍ଷ ରଘୁବୀର ନାଗ, ମହିଳା ନେତ୍ରୀ ରଶ୍ମୀରେଖା ରାଉତ, ନବନିର୍ବାଚିତ ଜିଲ୍ଲା ଉପସଭାପତି କମଳ ବାଗ, ଅଲେଖ ଚନ୍ଦ୍ର ଗୋପାଳ, ଜଗଦୀଶ ଯାଦବ ଓ ଯୁଧିଷ୍ଠିର ଗଉଡ, ଯୁଗ୍ମ ସମ୍ପାଦକ ଡମ୍ବରୁଧର ଖର୍ସେଲ, ପୂର୍ଣ୍ଣଚନ୍ଦ୍ର ଗଉଡ, ବିଶ୍ୱରଞ୍ଜନ ଧଙ୍ଗଡ଼ାମାଝୀ, କୋଷାଧ୍ୟକ୍ଷ ଅର୍ଜୁନ ଭାଟି, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ନିର୍ବାଚନ ପ୍ରକ୍ରିୟାର ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଗଉଡ, ପ୍ରମୁଖଙ୍କ ସମେତ ୧୩ ଗୋଟି ବ୍ଲକ, ମ୍ୟୁନିସିପାଲଟି, ଏନ୍ଏସି ସଭାପତିମାନେ ମଞ୍ଚାସୀନ ଥିଲେ। ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ ମଧୁପୁର ଆଶ୍ରମ ବିଦ୍ୟାଳୟର ଛାତ୍ରୀବୃନ୍ଦ। ନବନିର୍ବାଚିତ ଜିଲ୍ଲା କର୍ମକର୍ତ୍ତା ଶପଥପାଠ କରିଥିଲେ। ନର୍ଲା ବ୍ଲକ ଯାଦବ ସମିତି ସାଧାରଣ ସମ୍ପାଦକ ମଧୁସୂଦନ ରାଉତ ଓ ଶିକ୍ଷାବିତ ସୁଧିର କୁମାର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଶାଳ ଶୋଭାଯାତ୍ରାରେ ଯାଦବମାନେ ବାହାରି ନର୍ଲା ବୁଢ଼ାରଜା ମନ୍ଦିରରୁ ମଶାଲ ଆଣି ମଞ୍ଚରେ ସ୍ଥାପନ କରିଥିଲେ। ଯାଦବ ସଂସ୍କୃତିର ମହାନ ବିଭବ ବାଡ଼ିଖେଳ ପରିବେଷଣ କରିଥିଲେ ଦେବଗିରି ବନାବାଡି ଏକାଡେମୀର କଳାକାର ବୃନ୍ଦ ।ଫତକାବାହାଲିର ଡମବଜା, ନର୍ଲାର ଘୁମୁରା, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କଳାକାର ସର୍ବେଶ୍ୱର ଭୋଇଙ୍କ ସଙ୍ଗୀତ ସମେତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ଯାଦବମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଯାଦବ ସମାଜର ଶିକ୍ଷା, ସଂସ୍କୃତି, ରାଜନୈତିକ ଭାଗିଦାରୀ ସମେତ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ୭ ହଜାରରୁ ଊର୍ଦ୍ଧ୍ୱ ଯାଦବ ସାମିଲ ହୋଇଥିଲେ। ଶେଷରେ ନର୍ଲା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ।




# ଘୁଷୁରୀ କାମୁଡ଼ାରେ ନାବାଳକ ଗୁରୁତର



**କୋକସରା, ୩୦ ।୩ (ସମିସ):** କୋକସରା ବ୍ଲକ ଆମପାଣି ପଞ୍ଚାୟତର ଟିର୍ଲିଆମଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଘରେ ଖେଳୁଥିବା ୩ ବର୍ଷର ଜଣେ ନାବାଳକଙ୍କ ଗୁପ୍ତାଙ୍ଗକୁ ଘୁଷୁରୀ କାମୁଡି ଦେବାରୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।ସୂଚନା ଅନୁସାରେ, ଟିର୍ଲିଆମ ଗାଁର ଈଶ୍ୱର ଶାନ୍ତଙ୍କ ଶିଶୁ ପୁଅ ରୋହିତ ଶାନ୍ତା ଘରେ ଖେଳୁ ଥିବା ସମୟରେ ହଠାତ୍ ଏକ ଘୁଷୁରୀ ତାଙ୍କ ଗୁପ୍ତାଙ୍ଗକୁ ଆକ୍ରମଣ କରିଥିଲା। ଫଳରେ ଶିଶୁଟି ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକ ତୁରନ୍ତ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କଲାପରେ ଗୁରୁତର ଶିଶୁ ରୋହିତ ଙ୍କୁ ଅଧିକ ଚିକିତ୍ସା ଲାଗି ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଛି।

# ଭେଲାରେ ଷୋହଳପ୍ରହର ନାମଯଜ୍ଞ

**ନୂଆପଡ଼ା, ୩୦ ।୩ (ସମିସ):** ନୂଆପଡ଼ା ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠ ଭେଲା ଆଜି ଆଧ୍ୟାତ୍ମିକ ମାନଚିତ୍ରରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଷୋହଳ ପ୍ରହର ନାମଯଜ୍ଞ ଓ ବୈଠକୀ ସଙ୍କୀର୍ତ୍ତନ ସମାରୋହ କେବଳ ଏକ ଧାର୍ମିକ ଅନୁଷ୍ଠାନ ନଥିଲା, ବରଂ ଭକ୍ତି, ଭାବ ଏବଂ ଭାଇଚାରାର ଅପୂର୍ବ ସଙ୍ଗମ ବୋଲି ମତ ପ୍ରକାଶ ପାଇଛି। ଉଦ୍ୟାପନୀ ଉତ୍ସବ ବୈଠକୀ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗ ଦେଇ ମତ ରଖିଥିଲେ ।ସଭାପତି ଚନ୍ଦ୍ର ପ୍ରକାଶ ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଭୁବନେଶ୍ୱର ମିଶ୍ର, ସରପଞ୍ଚ ବିମଳ ଯୋଶୀ ଏବଂ କର୍ତ୍ତା ସ୍ୱପ୍ନେଶ୍ୱର ଯୋଶୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୯ଟି ସଂକୀର୍ତ୍ତନୀ ଦଳ ଭାଗ ନେଇଥିବା ବେଳେ ବୈଠକୀରେ ୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ବରଗଡ଼ରୁ ଆସିଥିବା ବାଦ୍ୟ ମନ୍ତ୍ରଙ୍କ ବିଶ୍ୱାମିତ୍ର ପାଣ୍ଡେଙ୍କ ରୋମାଞ୍ଚକର ବାଦ୍ୟ ଝଙ୍କାର ଏବଂ କୁନି ବିସ୍ମୟ ପ୍ରତିଭା ସୁମି ବାଗଙ୍କ ସୁମଧୁର ସଙ୍କୀର୍ତ୍ତନ ପରିବେଶକୁ ବେଶ ବାନ୍ଧି ରଖିଥିଲା। ସେହିପରି ସୁନାମଧନ୍ୟା ଇତିଶ୍ରୀ କର, ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ ଓ ସଙ୍କୀର୍ତ୍ତନଗୁରୁ ଜୟନ୍ତ ନନ୍ଦଙ୍କ ଗାୟନ ଶୈଳୀରେ ଶ୍ରଦ୍ଧାଳୁମାନେ ସମ୍ପୂର୍ଣ୍ଣ ଭାବେ ବିଭୋର ହୋଇଯାଇଥିଲେ। ବୈଠକୀ କାର୍ଯ୍ୟକ୍ରମକୁ ଯୁବ ସାମ୍ବାଦିକ ମୁକେଶ କୁମାର ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ଜାତି, ଧର୍ମ ଏବଂ ବର୍ଣ୍ଣର ସଂକୀର୍ଣ୍ଣ ପାଚେରିକୁ ଭାଙ୍ଗି ଭେଲା ଗ୍ରାମବାସୀ ଯେଉଁ ଅକୁଣ୍ଠ ସହଭାଗୀତା ଓ ସାମୂହିକ ଏକତା ପ୍ରଦର୍ଶିତ କରିଛନ୍ତି, ତାହା ଆଜି ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଯଜ୍ଞ ପରିଚାଳନାରେ ରାଜକୁମାର ନିଆଲ, ଗୁଣସାଗର ନିଆଲ, ରତିକାନ୍ତ ମହାନ୍ତି, ସନ୍ତୋଷ ସୂପକାର, ନରେଶ ଦଣ୍ଡସେନା, ତୁକାରାମ କମ୍ପାନ, ଦେବାନନ୍ଦ ଚଣ୍ଡୀ ଓ ସୁଧୁରାମ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡିର ବିକ୍ଷୋଭ

**ଭବାନୀପାଟଣା, ୩୦ ।୩(ସମିସ)**

ମୃତ୍ୟୁର ସୌଦାଗର ସାଜିଥିବା ମୋହନ ସରକାରଙ୍କ ଆଉ କେତେ ଜଣ ମଲେ ଚେତା ପଶିବ। ଦେହରେ ପେଟ୍ରୋଲ ଢ଼ାଳି ମରିବା ଘଟଣା ଠାରୁ ନିଷ୍ପାପ ଶିଶୁଙ୍କୁ ଦୁଷ୍କର୍ମ, ମହିଳାଙ୍କୁ ହତ୍ୟା ଅପହରଣ ଭଳି ଅତି ବର୍ବୋରଚିତ ମୁହୂର୍ତ୍ତକୁ ସାମ୍ନା କରି ଅନେକ ନିରୀହଙ୍କ ଜୀବନ ଯାଇଛି। ଶେଷରେ ଆଇସିୟୁରେ ୧୩ଜଣଙ୍କ ଜୀବନ ଚାଲିଯିବା ରାଜ୍ୟବାସୀଙ୍କୁ ଗଭୀର ମର୍ମାହତ କରିଛି। ନିର୍ଲଜ୍ଜ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଘଣ୍ଟ ଘୋଡାଇ ରଖିବାରେ କି ପ୍ରକାର ସ୍ୱାର୍ଥ କାର୍ଯ୍ୟ କରୁଛି ବୋଲି ପ୍ରଶ୍ନ ଉଠୁଛି। ଓଡ଼ିଆ ଅସ୍ମିତା କଥା କହୁଥିବା କଟକ ଏସସିବି ମେଡିକାଲ କଲେଜର ଆଇସିୟୁରେ ଘଟିଥିବା ଦୁର୍ଭାଗ୍ୟଜନକ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୧୩ ଜଣ ପରିବାରକୁ ନ୍ୟାୟ ପ୍ରଦାନ ଏବଂ ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଦାୟିତ୍ୱରେ ଥିବା ଡଃ ମୁକେଶ ମହାଲିଙ୍ଗଙ୍କ ଅବହେଳା ହେତୁ ତୁରନ୍ତ ଇସ୍ତଫା ଦାବି କରି କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଭବାନୀପାଟଣା ଗାନ୍ଧୀ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥି ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଅପମାନଜନକ ମନ୍ତବ୍ୟକୁ ନିନ୍ଦା କରିବା ସହ ଉଭୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ନିଶିକାନ୍ତ ଦୁବେଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର ଙ୍କ ନେତୃତ୍ୱରେ ଗାନ୍ଧୀ ଛକ ଠାରେ ଶତାଧିକ ବିଜେଡି କର୍ମକର୍ତ୍ତା ୧୩ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ଏକ ମନୁଷ୍ୟକୃତ ଅପରାଧ ବୋଲି ଅଭିଯୋଗ କରିବା ସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାପାଇଁ ଦାବି କରିଛନ୍ତି। ଏସସିବି କୁ ରୋଗୀମାନେ ସୁସ୍ଥ ହେବାର ଅନେକ ଆଶା ନେଇ ଡାକ୍ତରଖାନାକୁ ଆସନ୍ତି, କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ସେମାନଙ୍କୁ ଏଭଳି ଏକ ଭୟଙ୍କର ମୃତ୍ୟୁର ସାମ୍ନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ହୃଦୟ ବିଦାରକ ବୋଲି ଯୁବ ବିଜେଡି କହିଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ନଗରପାଳ ବିଷ୍ଣୁ ପ୍ରଧାନ, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ମହିଳା ସଭାନେତ୍ରୀ ସବିତା ପ୍ରଧାନ, ବରିଷ୍ଠ ବିଜେଡି ନେତା ବଦ୍ରିନାରାୟଣ ପଟ୍ଟନାୟକ, ନୃପରାଜ ଯାଦବ, ନିହାର ମିଶ୍ର, ଦିନେଶ ବରର୍ଗ୍ତି, ଶିବା ସାହୁ, କ୍ଷିରସିନ୍ଧୁ ନାଏକ, ମହେନ୍ଦ୍ର ରାଉତ, ଅବଦୁଲ କାଦିର, ଯୁବ ନେତା ସାମନ୍ତ ଖମାରୀ, ନିଳାମ୍ବର ସାହୁ, ଜୟନ୍ତ ନାଏକ, ଜୟସେନ ସାହୁ, ପିତବାସ ବେହେରା, ମାନସ ସିନ୍ଦୂର, ରଞ୍ଜୁକ୍ତା ପ୍ରଧାନ, ପ୍ରଦୀପ ପ୍ରଧାନ, ହେରାମଣୀ ଗଣ୍ଡ, ଜୟନ୍ତୀ ଅଗ୍ରୱାଲ, ପିଙ୍କି ରାଉତ, ଗିରିଜା ଗହୀର, ରବି ଚନ୍ଦ୍ର ନାଏକ, ଉତ୍ପଳ ଦାସ, ପର୍ଶୁରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ।




# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରୀ ଉଦ୍ୟାପିତ

**ଧର୍ମଗଡ଼, ୩୦ ।୩(ସମିସ):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ କଳାହାଣ୍ଡି ଜିଲ୍ଲା ୟୁନିଟ୍ ଦୁଇଦିନିଆ ଜିଲ୍ଲା କ୍ୟାମ୍ପୋରୀ ଧର୍ମଗଡ଼ କଳାହାଣ୍ଡି ଉତ୍ସବ ପଡ଼ିଆ ଠାରେ ସୋମବାର ଉଦ୍ୟାପିତ ହୋଇଯାଇଛି ।କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ୟାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ କଳାହାଣ୍ଡି ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଧର୍ମଗଡ଼ ଡିଏସ୍‌ପି ଭର୍ଷିତା ଅପେଡ୍ଡୁ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଭାରତ ସ୍କାଉଟ ଓ ଗାଇଡ୍ସର ଜିଲ୍ଲା ସମ୍ପାଦକ ରୂପ ସିଂ ରାଉତ, ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝୀ, ସ୍କାଉଟ୍ସ ଏବଂ ଗାଇଡ୍ସର ଜିଲ୍ଲା କମିଶନର ମହେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଧର୍ମଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ କୁମାର ପଣ୍ଡା, ଅରୂପା ନନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।ସ୍କାଉଟ୍ସ ଏବଂ ଗାଇଡ୍ସର ସମ୍ପାଦକ ତଥା ଆୟୋଜକ ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମୁଣ୍ଡ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଶିକ୍ଷକ ତେଜେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମିଡ଼ିଆ ସଂଯୋଜକ ସଞ୍ଜିତ କୁମାର ପଣ୍ଡା, ନରେନ୍ଦ୍ର କୁମାର ଜଗତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ କର୍ଲାମୁଣ୍ଡା ସ୍କାଉଟ ଓ ଗାଇଡ୍ସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନର୍ଲା ବ୍ଲକ ଦ୍ୱିତୀୟ ଓ ମଦନପୁର ରାମପୁର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜେନେରାଲ କ୍ୟାମ୍ପଫାୟାର ରେ ଭବାନୀପାଟଣା ବ୍ଲକ ପ୍ରଥମ, ଧର୍ମଗଡ଼ ବ୍ଲକ ଦ୍ୱିତୀୟ ଓ କେସିଙ୍ଗା ବ୍ଲକ ତୃତୀୟ ସ୍ଥାନ ପାଇଥିଲେ। ପ୍ରଦର୍ଶନୀରେ କର୍ଲାମୁଣ୍ଡା ବ୍ଲକ ପ୍ରଥମ, ଭବାନୀପାଟଣା ବ୍ଲକ ଦ୍ୱିତୀୟ ଓ କୋକସରା ବ୍ଲକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଖାଦ୍ୟ ମେଳାରେ ଧର୍ମଗଡ଼ ବ୍ଲକ ସ୍କାଉଟ ଓ ଗାଇଡ୍ସ ଦଳ ପ୍ରଥମ, ଭବାନୀପାଟଣା ବ୍ଲକ ଦ୍ୱିତୀୟ ଓ କେସିଙ୍ଗା ବ୍ଲକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।ସୂଚନାଯୋଗ୍ୟ ଯେ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଓଡ଼ିଶା ଭାରତ ସ୍କାଉଟ ଓ ଗାଇଡ୍ସ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଉକ୍ତ କ୍ୟାମ୍ପୋରୀରେ କଳାହାଣ୍ଡି ଜିଲ୍ଲା ୧୩ଗୋଟି ବ୍ଲକ ର ୬୧୨ ଜଣ ଶିବିରାର୍ଥି ଯୋଗ ଦେଇଥିଲେ।



